# ମିଶନ୍ ଭୂମି- ଓଡିଶାରେ ଭୂ-ପ୍ରଶାସନର ସୁଦୃଢ଼ୀକରଣ

୧. ଡି.ଏଫ୍.ଆଇ.ଡି.ରୁ ଆର୍ଥିକ ଅନୁଦାନ ପାଇବା ଉଦ୍ଦେଶ୍ୟରେ ଭୂ ପ୍ରଶାସନ ବ୍ୟବସ୍ଥାର ଆଧୁନିକୀକରଣ ଓ ସଂସ୍କାର ପାଇଁ ଏକ ସାମଗ୍ରୀକ ପ୍ରସ୍ତାବ ଭାରତ ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା ।

୨. ଏହି ପ୍ରସ୍ତାବର ଲକ୍ଷ୍ୟ ହେଉଛି, ଉଚ୍ଚସ୍ତରୀୟ ପ୍ରଯୁକ୍ତି-କୌଶଳର ପ୍ରୟୋଗ, ଆଧୁନିକ ପ୍ରଯୁକ୍ତି-କୌଶଳ ମାଧ୍ୟମରେ ଜମି ପଂଜିକରଣ ସଂକ୍ରାନ୍ତୀୟ କାରବାରଗୁଡ଼ିକର ପରିଚାଳନା ତଥା ରାଜସ୍ୱ ଆଇନ୍‌ଗୁଡ଼ିକର ସଂସ୍କାରକୁ ଉପଯୋଗ କରି ଜମିର ମାଲିକାନା ନିର୍ଣ୍ଣୟ, ଭୂସମ୍ପଦ ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟସମୂହ ସମେତ ଜମିର ସତ୍ତ୍ୱାଧିକାର ଉପରେ ସାମଗ୍ରୀକ ସଂସ୍କାର ପ୍ରବର୍ତ୍ତନ ଜରିଆରେ ଭୂ-ପ୍ରଶାସନ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ।

୩. ସମୁଦାୟ ପ୍ରକଳ୍ପ ବ୍ୟୟ ୫୧୫,୧୯.୪୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

୪. ପ୍ରତି ପର୍ଯ୍ୟାୟର ଅବଧି ଦୁଇ ବର୍ଷ ହେବ ଏବଂ ୩ଟି ପର୍ଯ୍ୟାୟରେ ମୋଟ ଛ ବର୍ଷରେ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୀତ ହେବ ।

୫. ପ୍ରଥମ ପର୍ଯ୍ୟାୟରେ ୮ଟି କେ.ବି.କେ. ଜିଲ୍ଲା, ଯଥା କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୁବର୍ଣ୍ଣପୁର, କୋରାପୁଟ, ନବରଙ୍ଗପୁର, ମାଲ୍‌କାନଗିରି ଓ ରାୟଗଡାର ଅଣ-ସର୍ଭେକ୍ଷିତ ଇଲାକାଗୁଡ଼ିକୁ ପରିସରଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି ।

୬. ଦ୍ୱିତୀୟ ପର୍ଯ୍ୟାୟରେ ଏହା ୯ଟି ଶିଳ୍ପାଞ୍ଚଳ ଜିଲ୍ଲା ଯଥା ଯାଜପୁର, ଝାରସୁଗୁଡା, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ, ଅନୁଗୁଳ, କଟକ, ଜଗତସିଂପୁର ଓ କେନ୍ଦ୍ରାପଡାରେ କାର୍ଯ୍ୟାନ୍ୱୀତ ହେବ ।

୭. ତୃତୀୟ ପର୍ଯ୍ୟାୟରେ ଏହା ବାକୀ ୧୩ଟି ଜିଲ୍ଲା ଯଥା ସମ୍ବଲପୁର, ବରଗଡ, ବୌଦ୍ଧ, ଦେବଗଡ, ଗଞ୍ଜାମ, ଗଜପତି, କନ୍ଧମାଳ, ବାଲେଶ୍ୱର, ଭଦ୍ରଖ, ମୟୁରଭଞ୍ଜ, ଖୋର୍ଦ୍ଧା, ପୁରୀ ଓ ନୟାଗଡରେ କାର୍ଯ୍ୟାନ୍ୱୀତ ହେବ ।

୮. ସଂପୃକ୍ତ ସ୍କିମ୍ ଅଧୀନରେ ନିମ୍ନୋକ୍ତ ମୁଖ୍ୟ କାର୍ଯ୍ୟକ୍ରମମାନ ଗ୍ରହଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି-

(୧) ଭୂ ତଥ୍ୟାବଳୀ ବ୍ୟବସ୍ଥାର ପରିଚାଳନା (ଏଲ୍.ଆଇ.ଏସ୍.ଏମ୍.)ର ପ୍ରୟୋଗ ପାଇଁ ଉଚ୍ଚ ପ୍ରଯୁକ୍ତି କୌଶଳ ମାଧ୍ୟମରେ ସର୍ଭେ ଏବଂ ମାନଚିତ୍ରଗୁଡ଼ିକର ଡିଜିଟାଲ୍ ସଂକଳନ ।

(୨) ଭିତ୍ତି-ସଂରଚନାର ବିକାଶ ।

(୩) ରାଜସ୍ୱ ଅଧିକାରୀମାନଙ୍କର ତାଲିମ୍ ଏବଂ ଦକ୍ଷତା ବୃଦ୍ଧିର ବିକାଶ କରିବା ଯାହା ଫଳରେ ସେମାନେ ଭୂ ପ୍ରଶାସନ ପାଇଁ ଆବଶ୍ୟକୀୟ ପଲିସି, ସଂସ୍ଥା ଓ ବୈଧାନିକ ଢାଞ୍ଚା ସଂକ୍ରାନ୍ତରେ ସୁପାରିଶ୍ ଦେଇପାରିବେ ।

(୪) କମ୍ପ୍ୟୁଟରୀକୃତ ଜମି ପାସ୍ ବୁକ୍ ବିତରଣ କରିବା ।

(୫) ସର୍ବସାଧାରଣଙ୍କ ଦ୍ୱାରା ସହଜରେ ବ୍ୟବହାର ହୋଇପାରୁଥିବା ବ୍ୟବସ୍ଥାଗୁଡ଼ିକର ସ୍ଥାପନା ପାଇଁ ପ୍ରମୁଖ କାର୍ଯ୍ୟାବଳୀକୁ ଅଧୁନାତନ ରୂପ ଦେବା ।

୯. ଏହି ସ୍କିମ୍ ଅଧୀନରେ ପ୍ରସ୍ତାବିତ ବ୍ୟୟ ପାଇଁ ସବିଶେଷ ଅର୍ଥରାଶି ନିମ୍ନରେ ସ୍ଥିରୀକୃତ କରାଗଲା ।

| | | |
|---|---|---|
| ଏ. | ସର୍ଭେ ଓ ଡିଜିଟାଲାଇଜେସନ୍ - | ଟ ୪୬୭୨୨.୮୮ ଲକ୍ଷ |
| ବି. | ସଂସ୍ଥା ବିକାଶ | ଟ ୧୬୪୫.୩୦ ଲକ୍ଷ |
| ସି. | ଦକ୍ଷତା ବୃଦ୍ଧି | ଟ ୧୫୪୬.୮୫ ଲକ୍ଷ |
| ଡି. | ଯୋଗାଯୋଗ | ଟ ୩୮୦.୯୦ଲକ୍ଷ |
| ଇ. | ପ୍ରକଳ୍ପ ପରିଚାଳନା | ଟ ୧୨୨୩.୭୨ଲକ୍ଷ |
| | ମୋଟ | ଟ ୫୧୫୧୯.୬୫ ଲକ୍ଷ |

୧୦. ଏହି ବିଭାଗୀୟ ପ୍ରସ୍ତାବ ଭାରତ ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ, ଯୋଜନା କମିଶନ୍ ଓ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ବିଚାର ହୋଇ ମଞ୍ଜୁରି ପ୍ରାପ୍ତ ହୋଇସାରିଛି । ଅର୍ଥ ମନ୍ତ୍ରଣାଳୟ ତାଙ୍କର ପତ୍ର ସଂଖ୍ୟା ୧୧/୯/୨୦୦୪- ଇ.ଇ.ସି. ତା ୬.୧୨.୨୦୦୫ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୨୪୪.୨୩ କୋଟି ଟଙ୍କା ରିଲିଜ୍ କରିବା ପାଇଁ ଡି.ଏଫ୍.ଆଇ.ଡି. ଙ୍କୁ ସୁପାରିଶ୍ କରିଛନ୍ତି ।